ନମୁନା ପ୍ରଶ୍ନ (Sample Questions):

୧. ଉତ୍କଳୀୟ ବୈଷ୍ଣବମାନେ କେଉଁ ଦେବତାଙ୍କୁ ଆରାଧନା କରନ୍ତି ? (୧ ମାର୍କ)

୨.ଓଡ଼ିଶାର ଦୁଇଗୋଟି ପ୍ରସିଦ୍ଧ ଶାକ୍ତପୀଠର ନାମଲେଖ ? (୨ ମାର୍କ)

୩. ସଂକ୍ଷେପରେ ସଂସ୍କୃତିର ସଂଜ୍ଞା ଓ ସ୍ୱରୂପ ଉପରେ ଆଲୋକପାତ କର । (୫ ମାର୍କ)

୪.ଓଡ଼ିଶାର ଜନଜାତି ସଂସ୍କୃତିର ପରିଚୟ ପ୍ରଦାନ କର । (୮ ମାର୍କ)

---

# ପ୍ରଥମ ପର୍ଯ୍ୟାୟ( SEMESTER-I)

## ସାମର୍ଥ୍ୟବର୍ଦ୍ଧକ ପାଠ୍ୟକ୍ରମ

## Ability Enhancement Course (AEC)

# ପରିଶୁଦ୍ଧ ଭାଷା ଓ ଲିଖନ ଧାରା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାହିତ୍ୟର ଲିଖନ ଓ ଅଧ୍ୟୟନ କ୍ଷେତ୍ରରେ ଭାଷାର ପରିଶୁଦ୍ଧତା ନିତାନ୍ତ ଆବଶ୍ୟକ । ସାହିତ୍ୟକର୍ମ ବ୍ୟତିରେକ ବିଭିନ୍ନକ୍ଷେତ୍ରରେ ନିର୍ଭୁଲଭାଷା ବ୍ୟବହାର ହେବା ବାଞ୍ଛନୀୟ । ଶିକ୍ଷାର୍ଥୀମାନେ ନିର୍ଭୁଲ ଭାଷା ପ୍ରୟୋଗକ୍ଷେତ୍ରରେ କିପରି ସମର୍ଥ ହେବେ, ସେଥିନିମିତ୍ତ ଏହି ପାଠ୍ୟପତ୍ରଟି ପରିକଳ୍ପିତ । ବିଭିନ୍ନ ପ୍ରତିଯୋଗିତାମୂଳକ ତଥା ପ୍ରାଶାସନିକ ସେବାମୂଳକ ପଦପଦବୀରେ ନିଯୁକ୍ତ ହେବାପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାନିମିତ୍ତ ମଧ୍ୟ ଏହା ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

୧ମ ଏକକ: କ) ଶବ୍ଦ ଗଠନରେ ଶୁଦ୍ଧତା
- ଖ) ରୂଢ଼ିର ଅର୍ଥ ଅବଗତି
- ଗ) ରୂଢ଼ିର ପ୍ରୟୋଗବିଧି ଶିକ୍ଷା

୨ୟ ଏକକ: କ) ବାକ୍ୟର ଗଠନରୀତି ଶିକ୍ଷା
- ଖ) ବିବିଧ ପ୍ରକାର ବାକ୍ୟ ସଂପର୍କରେ ଧାରଣା
- ଗ) ନିର୍ଭୁଲ ବାକ୍ୟଲିଖନ ବିଦ୍ୟା

୩ୟ ଏକକ: କ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର କୌଶଳ
- ଖ) ବିଷୟଗତ ଶୀର୍ଷକ ନିର୍ଦ୍ଧାରଣ କଳା
- ଗ) ଅନୁଚ୍ଛେଦରୁ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ

୪ର୍ଥ ଏକକ: କ) ସ୍ୱଚ୍ଛଲିଖନ ଜ୍ଞାନ
- ଖ) ଫିଚର୍ ପ୍ରସ୍ତୁତି କୌଶଳ ଆହରଣ
- ଗ) ନିର୍ଭୁଲ ପତ୍ରଲିଖନ ଓ ବିଜ୍ଞାପନ ପ୍ରସ୍ତୁତି କଳା

## ପାଠ୍ୟ ବିଷୟ

**ପ୍ରଥମ ଏକକ:** (କ) ଶବ୍ଦର ସଂଜ୍ଞା, ଶୁଦ୍ଧ ଶବ୍ଦ ଓ ବର୍ଣ୍ଣାଶୁଦ୍ଧି

(ଖ) ରୂଢ଼ିର ଅର୍ଥ ଓ ପ୍ରୟୋଗ ବିଧି

**ଦ୍ୱିତୀୟ ଏକକ:** ବାକ୍ୟ ଗଠନରୀତି ଓ ପ୍ରକାର ଭେଦ

**ତୃତୀୟ ଏକକ:** ଅନୁଚ୍ଛେଦ ସଂକ୍ଷେପଣ, ଶୀର୍ଷକ ନିର୍ଦ୍ଧାରଣ ଓ ପ୍ରଶ୍ନୋତ୍ତର

**ଚତୁର୍ଥ ଏକକ:** ନିର୍ଭୁଲ ଲିଖନ ପଦ୍ଧତି, ସ୍ତମ୍ଭ ଲିଖନ, ଫିଚର୍, ପତ୍ର ଲିଖନ, ବିଜ୍ଞାପନ ପ୍ରସ୍ତୁତି କଳା

**ସହାୟକ ଗ୍ରନ୍ଥସୂଚୀ (Book of reference ) :**


୧. ସର୍ବସାର ବ୍ୟାକରଣ - ଶ୍ରୀଧର ଦାସ, ଗ୍ରନ୍ଥ ମନ୍ଦିର, କଟକ ।

୨. ସାରସ୍ୱତ ବ୍ୟାବହାରିକ ବ୍ୟାକରଣ - କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ବୁକ୍ ଷ୍ଟୋର ।

୩. ବୃହତ୍ ଓଡ଼ିଆ ବ୍ୟାକରଣ- ତ୍ରିଲୋଚନ ବେହେରା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ଆଧୁନିକ ଓଡ଼ିଆ ବ୍ୟାକରଣ- ଧନେଶ୍ୱର ମହାପାତ୍ର, କିତାବ୍ ମହଲ, କଟକ ।

୫. ସାଧାରଣ ଓଡ଼ିଆ ବନାନ ଶୁଦ୍ଧି- ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୬. ଗଣମାଧ୍ୟମ ଓ ଗଣଯୋଗାଯୋଗ – ଶିଶିର ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ଯୋଗାଯୋଗ ମୂଳକ ମାତୃଭାଷା – ବିରଞ୍ଚି ନାରାୟଣ ସାମଲ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୮. ଯୋଗାଯୋଗର ଭାଷା – ସୁଧୀର ଚନ୍ଦ୍ର ମହାନ୍ତି, ପ୍ରାଚୀ ପ୍ରକାଶନ, କଟକ ।

୯. ନିର୍ଭୁଲ ଲେଖାର ମୂଳସୂତ୍ର- ନୀଳାଦ୍ରି ଭୂଷଣ ହରିଚନ୍ଦନ, କିତାବ ମହଲ, କଟକ ।

୧୦.ଓଡ଼ିଆ ଭାଷା ବ୍ୟାକରଣ ସୌରଭ -ଚନ୍ଦ୍ରଶେଖର ପତି, ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ ।


**ନମୁନା ପ୍ରଶ୍ନ (Sample Questions) :**

୧. ଶବ୍ଦ କାହାକୁ କୁହାଯାଏ ? (୧ ମାର୍କ)

୨.ପର୍ବତର ଦୁଇଟି ପ୍ରତିଶବ୍ଦ ଲେଖ । (୨ ମାର୍କ)

୩.ବାକ୍ୟର ପ୍ରକାରଭେଦ ଦର୍ଶାଅ। (୫ ମାର୍କ)

୪.ତୁମ ମହାବିଦ୍ୟାଳୟରେ ଏକ ଶିକ୍ଷକ ନିଯୁକ୍ତିପାଇଁ କୌଣସି ସମ୍ବାଦପତ୍ରରେ ଓଡ଼ିଆ ଭାଷାରେ କିପରି ବିଜ୍ଞାପନ ଦିଆଯିବ, ତାହାର ଏକ ନମୁନା ଲେଖ । (୮ ମାର୍କ)